# NATIONAL NEWS BULLETIN (ODIA)

## 21 April - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପଛୁଆ ବର୍ଗଙ୍କ ସର୍ବାଙ୍ଗୀନ ବିକାଶ ହେଲେ ବିକଶିତ ରାଷ୍ଟ୍ର ଗଠନ ସ୍ୱପ୍ନ ପୂରଣ ହେବ, କହିଲେ ରାଷ୍ଟ୍ରପତି ।
- ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁର ବିଧାନସଭା ନିର୍ବାଚନ ପାଇଁ ଶେଷ ହେଲା ପ୍ରଚାର ।
- ଜର୍ମାନର ବର୍ଲିନ୍‌ଠାରେ ପହଞ୍ଚିଲେ ପ୍ରତିରକ୍ଷା ମନ୍ତ୍ରୀ ।

– ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ସେଠାକାର ନେତୃବୃନ୍ଦଙ୍କ ସହ କରିବେ ଆଲୋଚନା ।

- ଯୁଦ୍ଧ ବିରତି ସମୟସୀମା ବୃଦ୍ଧି ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି କହିଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ରାଷ୍ଟ୍ରପତି-ଓଡ଼ିଶା

ପଛୁଆ ବର୍ଗଙ୍କ ସର୍ବାଙ୍ଗିନ ବିକାଶ ହେଲେ ବିକଶିତ ରାଷ୍ଟ୍ର ଗଠନର ସ୍ୱପ୍ନ ପୂରଣ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ସେକ୍ଟର-୧୩ ପଡିଆରେ ଅନୁଷ୍ଠିତ ଆଦିପର୍ବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ବିପ୍ଳବୀ ନିର୍ମଳ ମୁଣ୍ଡା ପ୍ରଜା ଆନ୍ଦୋଳନ ବା ଆମ୍‌କୋ-ସିମ୍‌କୋ ବିଦ୍ରୋହ ମାଧମରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କ୍ରୀଡା କ୍ଷେତ୍ରରେ ସୁନ୍ଦରଗଡ଼ର ଅବଦାନ ଉପରେ ଆଲୋକପାତ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ହକିରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି ଜିଲ୍ଲା ଓଡ଼ିଶାକୁ ବିଶ୍ୱସ୍ତରରେ ଗର୍ବିତ କରିଛି। ଏହି ଅବସରରେ ଆଦିବାସୀଙ୍କ ବିକାଶ ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ଉପରେ ରାଷ୍ଟ୍ରପତି ଆଲୋକପାତ କରିଛନ୍ତି।

**VO-**

ରାଷ୍ଟ୍ରପତି ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାଉରକେଲାଠାରେ ୧୫୮ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆସିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

# କ୍ୟାମ୍ପେନ୍

ତାମିଲନାଡୁରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆଜି ଶେଷ ହୋଇଛି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ସମୟ ଶେଷ ପର୍ଯ୍ୟନ୍ତ ଜୋର୍‌ସୋରରେ ପ୍ରଚାର ଚାଲିଥିଲା । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପଶ୍ଚିମବଙ୍ଗର ପଶ୍ଚିମ ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ କୁଲଟି ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି । ରାଜ୍ୟ ସରକାର ବିରୁଦ୍ଧରେ ବ୍ୟାପକ ଦୁର୍ନୀତି ନେଇ ଅଭିଯୋଗ କରିବା ସହ ଶ୍ରୀ ଶାହା ପଶ୍ଚିମବଙ୍ଗରେ ବିଭିନ୍ନ କ୍ଷେତ୍ରରେ ବିଫଳତା ଉପରେ ଆଲୋକପାତ କରିଛନ୍ତି । ଟଙ୍କା ବଦଳରେ ଚାକିରି ବିକ୍ରି କରିବା, ବେଆଇନ୍ ଖଣି ଖନନକୁ ଅନୁମତି ଦେବା ଏବଂ ବେଆଇନ୍ ଚୋରା ଚାଲାଣରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ନେଇ ଶ୍ରୀ ଶାହା ଅଭିଯୋଗ କରିଛନ୍ତି । ବିଜେପି ପଶ୍ଚିମବଙ୍ଗ କ୍ଷମତାକୁ ଆସିଲେ ସମାନ ନାଗରିକ ସଂହିତା ପ୍ରଣୟନ, ସୁଶାସନ ସୁନିଶ୍ଚିତ କରିବା ନେଇ ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । କେନ୍ଦ୍ର ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହଳଦିଆଠାରେ ଏକ ଜନସମାବେଶକୁ ସମ୍ବୋଧନ କରି ବିଜେପି ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଛି ବୋଲି ଅଭିଯୋଗ କରିଛନ୍ତି । କଂଗ୍ରେସ, ବାମପନ୍ଥୀ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରାଯାଇଛି । ଏହି ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ୧୫୨ଟି ନିର୍ବାଚନ ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ ।

କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ ତାମିଲନାଡୁରେ ଏନ୍.ଡି.ଏ. ସପକ୍ଷରେ ଜନମତ ସ୍ପଷ୍ଟ ରହିଛି ବୋଲି ଦାବି କରିଛନ୍ତି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ତାମିଲନାଡୁର ଭିନ୍ନ ଭିନ୍ନ ଅଞ୍ଚଳରେ ଜନସମାବେଶଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରାଯାଇଛି । ଗତ ୧୦ ତାରିଖରୁ ତାମିଲନାଡୁରେ ଆରମ୍ଭ ହୋଇଥିବା ପ୍ରଚାର କାର୍ଯ୍ୟ ଆଜି ଶେଷ ହୋଇଛି । ୨୩୪ଟି ଆସନ ପାଇଁ ମୋଟ୍ ୪ ହଜାର ୨୩ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଆସନ୍ତା ଗୁରୁବାର ଦିନ ତାମିଲନାଡୁ ଏବଂ ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ପାଇଁ ମତଗ୍ରହଣ କରାଯିବ ।

# ଭିପି ସିଭିଲ୍ ସର୍ଭିସେସ୍ ଡେ

ତୃଣମୂଳ ସ୍ତରରେ ସରକାରଙ୍କ ଯୋଜନା ଓ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଲୋକସେବା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି । ଲୋକସେବା ଦିବସ ପାଳନ ଅବସରରେ ନୂଆଦିଲ୍ଲୀରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ସରକାରଙ୍କ ସଫଳତାରେ ପ୍ରଶାସନିକ ଅଧିକାରୀଙ୍କର ଉତ୍ସର୍ଗୀକୃତ ଭୂମିକା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ । ପ୍ରସ୍ତୁତ ହେଉଥିବା ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚିବାରେ ପ୍ରଶାସନିକ କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ଦୈନନ୍ଦିନ କ୍ଷେତ୍ରରେ ସୃଷ୍ଟ ସମସ୍ୟାର ତ୍ୱରିତ ସମାଧାନ, ବିଭିନ୍ନ କ୍ଷେତ୍ରରେ ନାଗରିକଙ୍କୁ ସଶକ୍ତ କରିବା ଏବଂ ସମାଜରେ ସମାନତା, ମର୍ଯ୍ୟାଦା ଓ ନ୍ୟାୟର ମୂଲ୍ୟବୋଧକୁ ସୁନିଶ୍ଚିତ କରିବାକୁ ଶ୍ରୀ ରାଧାକ୍ରିଷ୍ଣନ୍ ପ୍ରଶାସନିକ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ମହିଳାମାନଙ୍କ ସଶକ୍ତିକରଣ ଉପରେ ଆଲୋକପାତ କରି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ଲକ୍ଷପତି ଦିଦି ଏବଂ ନମୋ ଡ୍ରୋନ୍ ଦିଦି ଭଳି ପଦକ୍ଷେପ ଏ ଦିଗରେ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଅଖିଳ ଭାରତୀୟ ସେବାର ଜନକ ବୋଲି ଅଭିହିତ କରି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ଉପନିବେଶବାଦରୁ ଭାରତକୁ ବିକାଶ ପଥରେ ମାର୍ଗଦର୍ଶନ କରିବାରେ ସର୍ଦ୍ଦାର ପଟେଲ ଦୃଢ଼ ପଦକ୍ଷେପ ଗ୍ରହଣ

କରିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କାର୍ମିକ ଓ ସାଧାରଣ ଅଭିଯୋଗ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଉଦ୍‌ବୋଧନ ଦେଇଥିଲେ ।

## ରାଜନାଥ ସିଂହ-ଜର୍ମାନ

ତିନି ଦିନିଆ ଜର୍ମାନୀ ଗସ୍ତରେ ଯାଇଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବର୍ଲିନ୍ ଠାରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ମ୍ୟୁନିକ୍‌ରୁ ବର୍ଲିନ୍‌କୁ ସ୍ୱତନ୍ତ୍ର ଜର୍ମାନ୍ ବାୟୁସେନା ବିମାନରେ ସେ ଗସ୍ତ କରିଥିଲେ । ଯୁଦ୍ଧ ବିମାନ ଗୁଡ଼ିକ ଦ୍ୱାରା ତାଙ୍କୁ ସୁରକ୍ଷା ପ୍ରଦାନ କରାଯାଇଥିଲା ।

ବର୍ଲିନ୍‌ରେ ପହଞ୍ଚିବା ପରେ ତାଙ୍କୁ ସାମରିକ ସମ୍ମାନ ପ୍ରଦାନ କରାଯାଇଥିବା ନେଇ ଶ୍ରୀ ସିଂହ ସୂଚନା ଦେଇଛନ୍ତି । ପୂର୍ବରୁ ଜର୍ମାନୀ ଗସ୍ତରେ ଯାଇ ଶ୍ରୀ ସିଂହ ପ୍ରଥମେ ମ୍ୟୁନିକ୍ ଠାରେ ପହଞ୍ଚିଥିଲେ । ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ରଣନୈତିକ ପ୍ରତିରକ୍ଷା ସହଭାଗିତାକୁ ସୁଦୃଢ଼ କରିବା ନେଇ ଶ୍ରୀ ସିଂହ ତାଙ୍କ ଜର୍ମାନ ପ୍ରତିପକ୍ଷ ବୋରିସ୍ ପିଷ୍ଟୋରିୟସ୍ ଏବଂ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ ।

ଦୁଇ ଦେଶ ମଧ୍ୟରେ କେତେକ କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଦ୍ୱିପାକ୍ଷିକ ସମ୍ମିଳିତ ବିକାଶ ଏବଂ ସହ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ

କରିବା ଲକ୍ଷ୍ୟ ନେଇ ଏହି ଗସ୍ତ ଅବସରରେ ଶ୍ରୀ ସିଂହ ଜର୍ମାନ ପ୍ରତିରକ୍ଷା ଶିଳ୍ପର ପ୍ରମୁଖ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଇରାନ୍-ୟୁଏସ୍ ଟକ୍ସ

ପାକିସ୍ତାନର ଇସଲାମାବାଦରେ ସମ୍ଭାବ୍ୟ ଆମେରିକା-ଇରାନ୍ ଆଲୋଚନା ନେଇ ଅନିଶ୍ଚିତତା ଜାରି ରହିଛି । ଇରାନ୍ ସଂସଦ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଧମକର ଛାୟା ତଳେ ତେହେରାନ୍ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରେନାହିଁ । ଇସଲାମିକ୍ ଗଣରାଜ୍ୟ ଯୁଦ୍ଧ କ୍ଷେତ୍ରରେ ନୂତନ ଭାବେ ପ୍ରକାଶ ପାଇବାକୁ ପ୍ରୟାସ କରୁଛି ବୋଲି ସେ କହିଛନ୍ତି । ତେହେରାନ୍‌ର କୌଣସି ପ୍ରତିନିଧି ମଣ୍ଡଳୀ ପାକିସ୍ତାନର ଇସଲାମାବାଦକୁ ଗସ୍ତ କରିନାହାନ୍ତି ବୋଲି ଇରାନ୍‌ର ସରକାରୀ ଟେଲିଭିଜନ୍ ସ୍ପଷ୍ଟ କରିଛି ।

ଅନ୍ୟ ପକ୍ଷରେ ଦୁଇ ସପ୍ତାହର ଯୁଦ୍ଧ ବିରତି ଆସନ୍ତାକାଲି ଶେଷ ହେଉଥିବା ବେଳେ ଏହାର ସମୟସୀମା ବୃଦ୍ଧି ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ।

# ଇଣ୍ଟରମିନିଷ୍ଟର ବ୍ରିଫିଂ

ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଏବଂ ଏଲ୍.ପି.ଜି. ମୂଲ୍ୟବୃଦ୍ଧି ସତ୍ତ୍ୱେ ଦେଶରେ ବିନା ପ୍ରତିବନ୍ଧକରେ ଘରୋଇ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ ରହିଛି ବୋଲି ସରକାର କହିଛନ୍ତି । ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶରେ ଯଥେଷ୍ଟ ପରିମାଣର ଏଲ୍.ପି.ଜି. ମହଜୁଦ ରହିଛି ।

ରାଜସ୍ଥାନ ରିଫାଇନାରୀ ଲିମିଟେଡ୍‌ରେ ଗତକାଲି ଘଟିଥିବା ଅଗ୍ନିକାଣ୍ଡ ଘଟଣା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ଶର୍ମା କହିଛନ୍ତି, ମନ୍ତ୍ରଣାଳୟ ପକ୍ଷରୁ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି । ଏହି କମିଟି କ୍ଷତ୍ରିୟ ତଦନ୍ତ ପାଇଁ ରାଜସ୍ଥାନର ବାଡ୍‌ମେର୍‌ଠାରେ ପହଞ୍ଚି ସାରିଥିବା ସେ ସୂଚନା ଦେଇଛନ୍ତି ।

ବନ୍ଦର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ କହିଛନ୍ତି, ସମସ୍ତ ଭାରତୀୟ ନାବିକ ପାରଶ୍ୟ ଉପସାଗର ଅଞ୍ଚଳରେ ସୁରକ୍ଷିତ ଅଛନ୍ତି । ପରିସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପଶ୍ଚିମ ଏସିଆ ପରିସ୍ଥିତି ଉପରେ ସରକାର ନିରନ୍ତର ସମୀକ୍ଷା କରୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ୟୁ.ଏ.ଇ. ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସାଉଦି ଆରବ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଜୟସ୍ୱାଲ କହିଛନ୍ତି, ଉପସାଗରୀୟ ଦେଶଗୁଡ଼ିକ ସହ କେନ୍ଦ୍ର ସରକାର ନିରନ୍ତର ଯୋଗାଯୋଗରେ ଅଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ମଧ୍ୟ ସେଠାକାର ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ମତବିନିମୟ କରିଛନ୍ତି ।

ପଶୁପାଳନ ଓ ଦୁଗ୍ଧ ବିଭାଗର ନିର୍ଦ୍ଦେଶକ ପୂଜା ରୋସ୍ତଗୀ କହିଛନ୍ତି, ପଶ୍ଚିମ ଏସିଆ ସଂକଟ ପରିସ୍ଥିତି ସତ୍ତ୍ୱେ ଦୁଗ୍ଧ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ଯୋଗାଣ ନିରନ୍ତର ଅବ୍ୟାହତ ରହିଛି । ଦେଶରେ ଦୁଗ୍ଧ ଏବଂ ଏ ସଂକ୍ରାନ୍ତ ଉତ୍ପାଦର ମୂଲ୍ୟ ମଧ୍ୟ ସ୍ଥିର ରହିଥିବା ସେ ସୂଚନା ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଆଉ ଅଳ୍ପ ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ

ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।